ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ,
ପୁରୀ
(ସଂସ୍କୃତି ବିଭାଗ))

☎ ୦୬୭୫୨-୨୮୭୬୦୭
Email ID : dcopuri86@gmail.com

ପତ୍ର ସଂଖ୍ୟା ୩୩୮ /ଓ. ଭା.ସା.ସଂ ତା.୨୮.୦୮.୨୦୨୦

## କାର୍ଯ୍ୟାଳୟ ଆଦେଶ

ଏତଦ୍ୱାରା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ପୁରୀ ଜିଲ୍ଲାରୁ କଳାକାର ଭତ୍ତା ପାଉଥିବା ସମସ୍ତ ୬୦ ବର୍ଷରୁ ଊର୍ଦ୍ଧ କଳାକାର ମାନଙ୍କୁ ଜଣାଇଦିଆଯାଉଛି କି କେନ୍ଦ୍ରୀୟ କଳାକାର ଭତ୍ତା ବା "SCHEME FOR PENSION AND MEDICAL AID TO ARTISTES" ଅନୁଯାୟୀ ଯଦି ଆପଣ ସମସ୍ତ ଯୋଗ୍ୟତା ହାସଲ କରିପାରୁଥାନ୍ତି ତେବେ ଏଥିପାଇଁ ସରକାରଙ୍କ ୱେବସାଇଟ www.indiaculture.nic.in କିମ୍ବା ଆମ୍ଭ ଜିଲ୍ଲା website www.puri.nic.in କୁ ଯାଇ ନିଜ ନିଜର ଯୋଗ୍ୟତାକୁ ପରଖି ପାରିବେ ବା ଯାଞ୍ଚ କରିପାରିବେ । ଯଦି ଆପଣ ଏଥିପାଇଁ ନିର୍ଦ୍ଧାରିତ ହୋଇଥିବା ସମସ୍ତ ଯୋଗ୍ୟତା ବା ମାନଦଣ୍ଡ ପୂରଣ କରୁଛନ୍ତି ତେବେ ଏଥିରେ ଥିବା ଫର୍ମ କୁ ପ୍ରିଣ୍ଟ କରି ଆବଶ୍ୟକୀୟ ସମସ୍ତ ଦସ୍ତାବିଜ ସହ ଠିକ ରୂପେ ପୂରଣ କରି ଆସନ୍ତା ୨ମାସ ମଧ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ,ପୁରୀକୁ ଆସି ଆବେଦନ କରିପାରିବେ । ଏହାପରେ ଆପଣଙ୍କ ଯୋଗ୍ୟତାକୁ ଯାଞ୍ଚ କରାଯାଇ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ,ଓଡିଶା ସରକାରଙ୍କ ନିକଟକୁ ପରବର୍ତ୍ତୀ ସୁପାରିସ ନିମନ୍ତେ ପଠାଯିବ ।

ଆପଣଙ୍କର ବିଶ୍ୱସ୍ତ

ଜିଲ୍ଲାପାଳ,ପୁରୀ

ଜ୍ଞାପକ ସଂଖ୍ୟା ୩୩୯ / ସଂସ୍କୃତି ତାରିଖ : ୨୮-୦୮-୨୦୨୦

ଏହାର ଏକକିତା ନକଲ DIO,NIC,Puri ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ପୁରୀ

ଜ୍ଞାପକ ସଂଖ୍ୟା ୩୪୦ / ସଂସ୍କୃତି ତାରିଖ : ୨୮-୦୮-୨୦୨୦

ଏହାର ଏକକିତା ନକଲ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଓ ସମସ୍ତ ULBର କାର୍ଯ୍ୟନିର୍ବାହୀ ଅଧିକାରୀ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ପୁରୀ